SAMBAD

ସମ୍ବାଦ

BHUBANESWAR 20 JULY 2016



# ୩୧ରେ ଦ୍ୱିତୀୟ ଓଜେଇଇ

▶ ଆଜି ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି

▶ ୨୨ରୁ ୨୫ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ

ଭୁବନେଶ୍ୱର/କଟକ, ୧୯।୭ (ଇମିସ): ବି.ଟେକ୍, ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ ଏଣ୍ଟ୍ରି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଖାଲିଥିବା ସିଟ୍ ପୂରଣ ପାଇଁ ଆସନ୍ତା ଜୁଲାଇ ୩୧ରେ ଦ୍ୱିତୀୟ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବୁଧବାର ଠାରୁ ଦ୍ୱିତୀୟ ଓଜେଇଇ ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଦ୍ୱିତୀୟ ଓଜେଇଇ ପାଇଁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଓଜେଇଇ ୱେବସାଇଟ୍ 'www.ojee.nic.in' ମାଧ୍ୟମରେ ଆବେଦନ କରିପାରିବେ। ୨୭ରୁ ୩୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀ ଓଜେଇଇ ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ୩୧ ତାରିଖରେ ପରୀକ୍ଷା ହେବ। ଏଥିପାଇଁ କେବଳ ଭୁବନେଶ୍ୱରରେ ୧୦ଟି ପରୀକ୍ଷା କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୩ରେ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଥିବା ବେଳେ ୪ ତାରିଖଠାରୁ ଛାତ୍ରଛାତ୍ରୀ ର୍‍ୟାଙ୍କ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୫ରୁ ୭ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ହେବାକୁ ଥିବାବେଳେ ୬ରୁ ୮ ତାରିଖ ପର୍ଯ୍ୟନ୍ତ ନୋଡାଲ ସେଣ୍ଟରରେ ଡକୁମେଣ୍ଟ ଯାଞ୍ଚ କରାଯିବ। ଅଗଷ୍ଟ ୧୦ରେ ଚୂଡ଼ାନ୍ତ ସିଟ୍ ଆଲଟ୍‌ମେଣ୍ଟ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ପ୍ରବେଶିକା ପରୀକ୍ଷାରେ ର୍‍ୟାଙ୍କ ପାଇ ନ ଥିବା ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇ ର୍‍ୟାଙ୍କ୍ ହାସଲ କରିପାରିବା ସହ ନାମ ଲେଖାଇ ପାରିବେ।

ବି.ଟେକ୍ ସମେତ ଅନ୍ୟାନ୍ୟ ପାଠ୍ୟକ୍ରମରେ ଖାଲିଥିବା ସିଟ୍ ପୂରଣ ପାଇଁ ଓଡ଼ିଶା ଟେକ୍ନିକାଲ କଲେଜ ଆସୋସିଏସନ (ଓଟ୍‌କା)ର ସମ୍ପାଦକ ତଥା ନିଗମାନନ୍ଦ ଇଣ୍ଟିଗ୍ରାଲ ଏଜୁକେସନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ରଞ୍ଜନ ସାମନ୍ତରାୟ ହାଇକୋର୍ଟରେ ମାମଲା ଦାୟର କରିଥିଲେ। କେସ୍‌ର ଶୁଣାଣି କରି ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ବିଚାରପତି ଡି.ପି. ଚୌଧୁରୀ ଆଜି ଏହି ରାୟ ଦେଇଛନ୍ତି। ଓଟକା ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜ୍ଞାନ କୁମାର ଶର୍ମା ଓ ଆଇନଜୀବୀ ସଂଗ୍ରାମ କେଶରୀ ଜେନା ମାମଲା ଲଢ଼ିଥିଲେ। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ବାହାର ରାଜ୍ୟରେ ହେଉଥିବା ପ୍ରବେଶିକା ପରୀକ୍ଷାରେ ର୍‍ୟାଙ୍କ କାର୍ଡ ପାଉଥିବା ଛାତ୍ରଛାତ୍ରୀଙ୍କୁ ବି ଓଡ଼ିଶାରେ ନାମ ଲେଖାଇବା ପାଇଁ ସୁଯୋଗ ଦେବାକୁ 'ଓଟ୍‌କା' ଦାବି କରିଛି।

ସେହିପରି ଓପେକା ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ଓପେକା ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ଓ ଦେବୀ ପ୍ରସାଦ ଦାଶ ମାମଲା ପରିଚାଳନା କରିଥିଲେ। ଏହି ମାମଲାରେ ରାଜ୍ୟ ସରକାର, ବିପିୟୁଟି, ଓଜେଇଇ, ସିବିଏସ୍‌ଇ, ପଲିସି ପ୍ଲାନିଂ ବଡିଙ୍କ ପକ୍ଷ ଶୁଣିବା ପରେ ଖଣ୍ଡପୀଠ ସ୍ପେଶାଲ୍ ଓଜେଇଇ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଓଜେଇଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବି.ଟେକ୍‌ରେ ମୋଟ ୪୫ ହଜାର ସିଟ୍ ରହିଥିବା ବେଳେ ସେଥିରୁ ୧୩,୦୪୦ ସିଟ୍ ପୂରଣ ହୋଇଛି। ଯେଉଁଥିପାଇଁ ଆଜି ଅସ୍ଥାୟୀ ସିଟ୍ ଆଲଟ୍‌ମେଣ୍ଟ ହୋଇଛି। ଛାତ୍ରଛାତ୍ରୀ ଓଜେଇଇ ୱେବସାଇଟ୍‌ରୁ ସେମାନଙ୍କ ସିଟ୍ ସମ୍ପର୍କରେ ଜାଣିପାରିବେ। ସେହିପରି ଏମ୍‌ବିଏରେ ଥିବା ୫୪୫୦ ସିଟ୍ ମଧ୍ୟରୁ ୨୨୧୬ ପୂରଣ ହୋଇଥିବା ବେଳେ ଏମ୍‌ସିଏରେ ୨୫୮୦ ସିଟ୍ ମଧ୍ୟରୁ ୫୬୦ ପୂରଣ ହୋଇଛି।